# ଅନୁଗୋଳରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ "ମହକ –୨୦୨୨"

(ଶିଶୁମାନେ ନାଚିଲେ....... ଗାଇଲେ....... ଝୁମିଲେ..........)

ଅନୁଗୋଳ, ୧୪। ୧୧। ୨୦୨୨:- ଅନୁଗୋଳ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଶିଶୁ ଦିବସ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ **"ମହକ"** – ୨୦୨୨ ଆୟୋଜିତ ହୋଇ ଯାଇଛି । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏପରି ଆବଶ୍ୟକତା ନାହିଁ କି ଗୋଟିଏ ପିଲା ବହୁତ ବଡ ଘରେ ଜନ୍ମ ହେବ ଏବଂ ସମାଜର ବହୁତ ବଡ ଲୋକ ହୋଇପାରିବ, ନିଜର ଉଦ୍ୟମ, ଅଧ୍ୟବସାୟ ଓ ଚେଷ୍ଟା ବଳରେ ସେ ଯେଉଁ ପରିବେଶରେ ଜନ୍ମ ହେଇଥାଉ ନା କାହିଁକି ସେ ସମାଜ ବା ବିଶ୍ୱରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ସୁନାଗରିକ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବବିତା ମିଶ୍ର, ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟା ପଦ୍ମାବତୀ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦୁଃଶାସନ ନାଏକ, ପୂର୍ବତନ ଶିଶୁ ମଙ୍ଗଳ ସମିତିର ସଦସ୍ୟ ଶ୍ରୀ ବିଜୟ ମହାପାତ୍ର ଓ ସଦସ୍ୟା ଅନିତା ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଶିଶୁମାନଙ୍କୁ ସୁନାଗରିକ ଭାବେ ଗଢି ହେବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀଶଙ୍କର ବେହେରା ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଭାବେ ଅନୁଗୋଳ ମାଟିର ସିନେ ଶିଶୁ କଳାକାର ନିଷିତା ପ୍ରିୟଦର୍ଶିନୀ ନାଚ, ଗୀତ ଓ କଥୋପକଥନ ମାଧ୍ୟମରେ ଶିଶୁମାନଙ୍କ ପ୍ରତିଭାର ବିକାଶ ପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଏକ ସଚେତନତା ରଥ ପରିକ୍ରମାର ଉଦଘାଟନ କରାଯାଇଥିଲା । ଏହି ରଥ ଆଗାମୀ ୮ ଦିନ ଧରି ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣକୁ ଭ୍ରମଣ କରି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ମତ ପ୍ରକାଶ କରିଥିଲେ । ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ଜଣା ଅଜଣା,ଚିତ୍ରାଙ୍କନ, ଦଳଗତ ନୃତ୍ୟ ପ୍ରଭୃତି ବିଭିନ୍ନ ବୟସ ଗୋଷ୍ଠୀର ଶିଶୁମାନଙ୍କ ସହିତ ଆୟୋଜନ କରାଯାଇ କୃତୀ ଶିଶୁମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିରେ ମୋଟ ୧୫୦ ଜଣ ଶିଶୁ ପ୍ରତିଯୋଗୀଙ୍କ ସହିତ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଚାଇଲ୍ଡ ଲାଇନ କର୍ମକର୍ତ୍ତା, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦି୨୦୦ ଜଣରୁ ଅଧିକ ଅଂଶଗ୍ରହଣ କରିଥିଲେ । ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତଃନିହିତ ଗୁଣାବଳୀର ବିକାଶ ନିମନ୍ତେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁସୁରକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ସହିତ ଆହ୍ୱାନ ଏଡ ର ଜିଲ୍ଲା ସଂଯୋଜକ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ପି.ଓ.ଏନ.ଆଇ.ସି. ଝରଣା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା- ୬୬୫ ତା.୧୪.୧୧.୨୦୨୨

**ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।**

14.11.22

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।**


ମହକ- ୨୦୨୨
ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ
(ଜାତୀୟ ଶିଶୁ ଦିବସ)
ତା:- ୧୪.୧୧.୨୦୨୨
ସ୍ଥାନ:- ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ
ଆୟୋଜକ:- ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଅନୁଗୋଳ
(ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡିଶା ସରକାର)


ମହକ- ୨୦୨୨
ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ
(ଜାତୀୟ ଶିଶୁ ଦିବସ)




ମହକ- ୨୦୨୨
ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ
(ଜାତୀୟ ଶିଶୁ ଦିବସ)
ସ୍ଥାନ:- ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳ
ତା:- ୧୪.୧୧.୨୦୨୨
ଆୟୋଜକ:- ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଅନୁଗୋଳ
(ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର)
ମୋ'ର ମଧ୍ୟ ଅଧିକାର ଅଛି...
ଆମ ଅଧିକାର ଆମରି ବଳ
ପୋଷ୍ୟ ସନ୍ତାନ ସଚେତନତା ମାସ- ୨୦୨୨